# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ବିଦାୟ ଫାରୋ


ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଅନୁବାଦକ: Prasanta Bhuyan

ଉପଯୋଜକ: Lyn Doerksen


କାହାଣି ୬୦ ରୁ ୧୧


www.M1914.org

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ୱ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya



ଫାରୋ କ୍ରୋଧିତ ହେଲେ,
ଇସ୍ରାଏଲୀୟ ଦାସମାନେ ମିଶର ଦେଶରୁ
ଛାଡ଼ିଦେବାକୁ ପରମେଶ୍ୱର ମୋଶାଙ୍କ
ଜରିଆରେ ଫାରୋଙ୍କୁ ଆଜ୍ଞାକରିଥିଲେ ।
ସେ ମନା କରିଦେଲେ ।





ସେମାନଙ୍କୁ କଠିନ ପରିଶ୍ରମ କରାଇବା
ନିମନ୍ତେ ଫାରୋ ତାଙ୍କର କାର୍ଯ୍ୟଶାସକ ଓ
ଅଧ୍ୟକ୍ଷମାନଙ୍କୁ ଆଜ୍ଞା କଲେ । ବର୍ତ୍ତମାନ୍
ଇସ୍ରାଏଲୀୟମାନଙ୍କ ପରିସ୍ଥିତି ଅଧିକ
ଜଟିଳ ହୋଇଗଲା ।


ଇଟା ତିଆରି କରିବା ନିମନ୍ତେ ଏହି ସମୟଠାରୁ ନିଜକୁ ପାଳ ସଂଗ୍ରହ କରିବାକୁ ପଡ଼ିବ । ପୂର୍ବପରି ତୁମ୍ଭମାନଙ୍କୁ ତାହା ପ୍ରଦାନ କରାଯିବ ନାହିଁ । ମାତ୍ର ଇଟାର ସଂଖ୍ୟା ପୂର୍ବପରି ସମାନ ପରିମାଣରେ ଦେବାକୁ ପଡ଼ିଲା । ତାହା ଥିଲା ଫାରୋଙ୍କର ନୂତନ ଆଜ୍ଞା ।
3


କାର୍ଯ୍ୟଶାସକମାନେ କେତେକ ଦାସମାନଙ୍କୁ ପ୍ରହାର କଲେ କାରଣ ପାଳର ଅଭାବ ହେତୁ ସେମାନେ ସମାନ ପରମାଣରେ ଇଟା ଯୋଗାଇ ପାରିଲେ ନାହିଁ ।
4


ଲୋକମାନେ ସେମାନଙ୍କର ଅସୁବିଧା ନିମନ୍ତେ ମୋଶା ଏବଂ ହାରୋଣଙ୍କୁ ଦୟୀକଲେ । ସେ ସମୟରେ ମୋଶା ଏକ ସ୍ଥାନପାଇ ପ୍ରାର୍ଥନା କଲେ । ହେ ସଦାପ୍ରଭୁ, ତୁମ୍ଭେ ଆପଣା ଲୋକମାନଙ୍କୁ ଏପର୍ଯ୍ୟନ୍ତ ଉଦ୍ଧାର କରିନାହଁ ।
ସଦାପ୍ରଭୁ ଉତ୍ତର ଦେଇ କହିଲେ, ଆମ୍ଭେ ତୁମ୍ଭର ପରମେଶ୍ୱର, ତୁମ୍ଭମାନଙ୍କୁ ବାହାର କରି ଆଣିବା ।
5


ତାହାପରେ ସଦାପ୍ରଭୁ ମୋଶା ଏବଂ ହାରୋଣଙ୍କୁ ପୁଣିଥରେ ଫାରୋଙ୍କ ନିତଟକୁ ପ୍ରେରଣ କଲେ । ଯେତେବଳେ ସେହି ଶକ୍ତିଶାଳୀ ରାଜା ସେମାନଙ୍କୁ ପରମେଶ୍ୱରଙ୍କଠାରୁ ଏକ ଚିହ୍ନ ମାଗିଲେ,
ହାରୋଣଙ୍କର ଯଷ୍ଠି ସର୍ପରେ ପରିଣତ ହୋଇଗଲା ।
6


ମୋହର ମନ୍ତ୍ରଜ୍ଞମାନଙ୍କୁ ଡାକ, ଫାରୋ ଜୋର୍ କରି ପାଟିକଲେ । ମିଶ୍ରୀୟ ମନ୍ତ୍ରଜ୍ଞମାନେ ମଧ୍ୟ ନିଜ ନିଜ ଯଷ୍ଠି ଫିଙ୍ଗି ସର୍ପ କଲେ । ମାତ୍ର ହାରୋଣଙ୍କ ସର୍ପ ସେହି ସମସ୍ତ ସର୍ପଗୁଡ଼ାକୁ ଗିଳିପକାଇଲା । ତଥାପି, ଫାରୋ ଲୋକମାନଙ୍କୁ ଯିବାକୁ ଦେଲେ ନାହିଁ ।
7


ପରଦିନ ସକାଳେ, ମୋଶା ଓ ହାରୋଣ ନଦୀରେ ଫାରୋଙ୍କୁ ମିଶିଲେ । ଯେତେବେଳେ ହାରୋଣ ନିଜ ଯଷ୍ଠିରେ ନଦୀଜଳକୁ ଆଘାତ କରନ୍ତେ ତାହା ରକ୍ତରେ ପରିଣତ ହୋଇଗଲା । ନଦୀର ସମସ୍ତ ମତ୍ସ୍ୟ ମଲେ ଓ ନଦୀ ଦୁର୍ଗନ୍ଧ ହେଲା,
ଲୋକମାନେ ନଦୀଜଳ ପାନ କରିପାରିଲେ ନାହିଁ ।
8

କିନ୍ତୁ ଫାରୋଙ୍କ ହୃଦୟ କଠିନ ହେଲା । ସେ ଇସ୍ରାଏଲୀୟମାନଙ୍କୁ ମିଶର ଦେଶଛାଡ଼ି ଯିବାକୁ ଦେଲେନାହିଁ ।



9



ପୁନର୍ବାର, ମୋଶା ଫାରୋଙ୍କୁ କହିଲେ, ଆମ୍ଭ ଲୋକମାନଙ୍କୁ ମିଶରରୁ ଯିବାକୁ ଛାଡ଼ିଦିଅ । ପୁନର୍ବାର ଫାରୋ ମନା କରିଦେଲେ । ସଦାପ୍ରଭୁ ଅନ୍ୟ ଏକ ବିପତ୍ତି ପ୍ରେରଣ କଲେ । ସମସ୍ତ ମିଶରରେ ବେଙ୍ଗରେ ପରିପୂର୍ଣ୍ଣ ହୋଇଗଲା । ପ୍ରତ୍ୟକ ଗୃହ, ଶୟନାଗାର, ଏପରି କି ରାନ୍ଧିବା ବାସନରେ ବେଙ୍ଗରେ ପୂର୍ଣ୍ଣ ହେଲା ।

10



ତହୁଁ ଫାରୋ ମୋଶା ଓ ହାରୋଣଙ୍କୁ କହିଲେ, ଆମ୍ଭଠାରୁ ଓ ଆମ୍ଭ ଲୋକମାନଙ୍କଠାରୁ ବେଙ୍ଗ ଦୂର କରିବାକୁ ସଦାପ୍ରଭୁଙ୍କଠାରେ ପ୍ରାର୍ଥନା କର । ତହିଁରେ ଆମ୍ଭେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳିଦାନ କରିବା ନିମନ୍ତେ ଲୋକମାନଙ୍କୁ ଛାଡ଼ିଦେବା । କିନ୍ତୁ, ଫାରୋ ବିପଦର ନିବୃତ୍ତ ଦେଖି ମନ ବଦଳାଇଲେ । ସେ ଦାସମାନଙ୍କୁ ମୁକ୍ତ କରିବେ ନାହିଁ ।

11

ସଦାପ୍ରଭୁ ତାହାପରେ ସାରା ମିଶରରେ ଉକୁଣିଆ ପୋକ ପ୍ରେରଣ କଲେ । ତହିଁରେ ମନୁଷ୍ୟ ଓ ପଶୁମାନଙ୍କ ଉପରେ ଉକୁଣିଆ ପୋକ କାମୁଡ଼ାରେ କୁଣ୍ଡାଇବାରେ ଲାଗିଲେ, ତଥାପି ଫାରୋ ସଦାପ୍ରଭୁଙ୍କୁ ମନଯୋଗ କଲା ନାହିଁ ।



12





ତାହପରେ ସଦାପ୍ରଭୁ ଦଂଶକାଦୀର ଝାଙ୍କ ଫ୍ରେରଣ କଲେ, ସଦାପ୍ରଭୁ ଏକ ରୋଗ ଦ୍ୱାରା ମିଶ୍ରୀୟମାନଙ୍କର ସମସ୍ତ ପଶୁ ମଲେ । ସଦାପ୍ରଭୁ ଦାହଯୁକ୍ତ ବଥ ଜନ୍ମାଇଲେ । ଲୋକମାନଙ୍କର ବଡ଼ ଅସୁବିଧା ହେଲା । ତଥାପି ଫାରୋ ସଦାପ୍ରଭୁଙ୍କୁ ବିରୋଧ କଲେ ।

13



ଦାହଯୁକ୍ତ ବଥ ଜନ୍ମାଇବା ପରେ, ସଦାପ୍ରଭୁ ପଙ୍ଗପାଳ ପ୍ରେରଣ କଲେ । ପଙ୍ଗପାଳ ମାନଙ୍କର ଦଳ ଜମିର ସମସ୍ତ ସବୁଜ ଫସଲ ଖାଇପକାଇଲେ ।

14



ତାପରେ ସଦାପ୍ରଭୁ ତିନିଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଅନ୍ଧକାର ହୋଇ ରହିବାକୁ ଆଦେଶ ଦେଲେ । ମାତ୍ର ଜିଦ୍‌ଖୋର୍ ଫାରୋ ଇସ୍ରାଏଲୀୟମାନଙ୍କୁ ମୁକ୍ତ କଲେନାହିଁ ।

15

ଆମ୍ଭେ ଆଉ ଏକ ଉତ୍ପାତ ଆଣିବା, ସଦାପ୍ରଭୁ ସାବଧାନ କଲେ । ଦୁଇପ୍ରହର ରାତ୍ରୀରେ ମିଶରର ସମସ୍ତ ମନୁଷ୍ୟ ଓ ପଶୁମାନଙ୍କର ପ୍ରଥମଜାତର ମୃତ୍ୟୁ ହେବ । ମାତ୍ର ଇସ୍ରାଏଲର ସମସ୍ତ ପ୍ରଥମଜାତର ଉଦ୍ଧାର ହେବ ଯଦି ସେମାନେ ନିଜ ଗୃହଦ୍ୱାରର ବାଜୁବନ୍ଧ ଓ କପାଳୀ ଉପରେ ମେଷଶାବକର ରକ୍ତ ଲଗାଇବେ ।



16



ମଧ୍ୟରାତ୍ରରେ, ମିଶର ଦେଶରେ ମହାରୋଦନ ଶୁଣାଗଲା । ମୃତ୍ୟୁ ଆଘାତ କଲା । ପ୍ରତ୍ୟକ ଗୃହରେ ଅନ୍ତତ ଜଣେ ମରିଯାଇଥିଲା ।

17



ବାହାରିଯାଅ, ଫାରୋ ମୋଶା ଓ ହୋରୋଣଙ୍କୁ ବିନତି କଲେ । ଯାଅ, ସଦାପ୍ରଭୁଙ୍କର ସେବା କରିବାପାଇଁ ଯାତ୍ରାକର । ଶିଘ୍ର, ପରମେଶ୍ୱରଙ୍କ ଲୋକମାନେ ପାଦଗତିରେ ମିଶ୍ରିୟ ସିମା ଅତିକ୍ରମ କଲେ ।

18



ସଦାପ୍ରଭୁ ମୋଶାଙ୍କୁ ସେହି ରାତ୍ରୀକୁ ମନେ ପକାଇବାକୁ କହିଲେ କାରଣ ସଦାପ୍ରଭୁଙ୍କଠାରୁ ଏକ ସଂହାରକ ଦୂତ ଇସ୍ରାଏଲୀୟ ଗୃହକୁ ଅତିକ୍ରମ କରି ଫାରୋ ଓ ତାଙ୍କ ଲୋକମାନଙ୍କର ପ୍ରଥମଜାତକୁ ବଧ କଲେ ।

19



ମିଶରରେ ପ୍ରାୟ ଚାରିଶହ ତିରଶ ବର୍ଷ ଦାସତ୍ୱ ପରେ ଇସ୍ରାଏଲ୍ ବର୍ତ୍ତମାନ ଦାସତ୍ୱରୁ ମୁକ୍ତ ଅଟେ । ସଦାପ୍ରଭୁ ସେମାନଙ୍କୁ ଦିନରେ ମେଘସ୍ତମ୍ଭ ଓ ରାତ୍ରୀରେ ଅଗ୍ନିସ୍ତମ୍ଭ ହୋଇ ଆଗେଇ ନେଲେ ।

20













ବିଦାୟ ଫାରୋ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯାତ୍ରାପୁସ୍ତକ ୪-୧୫

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।